| Sexual Harassment<br>ଯୌନ ଉତ୍ପୀଡ଼ନ | Flirting<br>ପ୍ରେମ ଛଳନା |
|---|---|
| Unwanted and unwelcome<br>ଅବାଂଛିତ ଏବଂ ଅସ୍ୱୀକାର୍ଯ୍ୟ | Wanted and welcome<br>ଇଚ୍ଛିତ ସ୍ୱୀକାର୍ଯ୍ୟ |
| Makes you feel bad<br>ଆପଣଙ୍କୁ ଖରାପ ଲାଗିଥାଏ | Makes you feel good<br>ଭଲ ଲାଗିଥାଏ |
| One side – you are unable to respond<br>ଏକତରଫା-ଆପଣ ପ୍ରତିକାର କରିପାରନ୍ତି ନାହିଁ | Two way – ypu are able to respond in the same tone<br>ଦୋତରଫା - ଆପଣ ବି ବରାବର ଭାଗୀଦାରୀ ନେଇ ପାରିବେ |
| Happens between people in a position of inequality<br>ଏହା ସ୍ଥିତିର ଅସମାନତା ରେ ଘଟିଥାଏ | Happens between people in a position of equality<br>ଏହା ସମାନତା ସ୍ଥାନରେ ଘଟିଥାଏ |
| Feels degrading and demeaning<br>ଅପମାନ ଜନକ ଏବଂ ଖରାପ ଲାଗିଥାଏ | Feels flattering<br>ମଜାଳିଆ ଲାଗିଥାଏ |
| Makes you feel powerless<br>ଶକ୍ତିହିନତା ଭଳି ଅନୁଭବ ହୁଏ | Makes you feel empowered<br>ଶକ୍ତିଶାଳୀ ଅନୁଭବ ହୁଏ |
| Produces feelings of shame and low self-esteem<br>ଲାଜ ଲାଗେ ଓ ସ୍ୱାଭିମାନରେ ଆଞ୍ଚ ଆସିଲାପରି ଅନୁଭବ ହୁଏ | Produces positive feelings and high self-esteem<br>ସକାରାତ୍ମକ ଭାବନା ଏବଂ ସ୍ୱାଭିମାନ ବୃଦ୍ଧି କରିଥାଏ |

## ଯଦି ଆପଣ ଯୌନ ହରକତ୍‌ର ଶିକାର ହେବେ ତେବେ ଆପଣ କ'ଣ କରିପାରିବେ ?

- ପାଖରେ ଥିବା ( ସାଙ୍ଗ କିମ୍ବା ଅଚିହ୍ନା ) ଲୋକର ସାହାଯ୍ୟ ନେଇ ପାରିବେ ।
- କଲେଜ/ସ୍କୁଲ୍ ର କମ୍ପ୍ଲେନ୍ କମିଟିକୁ ଅଭିଯୋଗ କରିପାରିବେ ।
- ଯଦି କୌଣସି ସର୍ବସାଧାରଣ ସ୍ଥାନରେ ଘଟିଥିବ, ଯଥାଶୀଘ୍ର ବା ସାଙ୍ଗେ ସାଙ୍ଗେ ପୋଲିସ୍‌କୁ ଅଭିଯୋଗ କରିପାରିବେ ।
- କୌଣସି ମହିଳା ଅନୁଷ୍ଠାନରେ ଅଭିଯୋଗ ଦାୟର କରିପାରିବେ ।

## ଆଇନ୍ ଆଖିରେ

ଯୌନ ଉତ୍ପୀଡ଼ନ କେବଳ ଏକ ସାମାଜିକ ଅପରାଧ ନୁହେଁ ଏହା ଏକ ଆଇନ ଗତ ଅପରାଧ ମଧ୍ୟ । ଏକ ନୂଆ କରି ଯୌନ ଉତ୍ପୀଡ଼ନ ଆଇନ ପ୍ରଣୟନ ହୋଇଛି, "The Sexual Harasment of women at Workplace (Prevention, prohibition & redreesal) Act, ୨୦୧୩" । ଏହା ଆବୃତ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ିତ ମହିଳାଙ୍କୁ ସୁରକ୍ଷା ଏବଂ ପ୍ରତିରୋଧ/ନିବାରଣ କ୍ଷତିପୂରଣ ପ୍ରଦାନ କରିଥାଏ ସ୍କୁଲ ଛାତ୍ରୀ, ଚିକିତ୍ସାଳୟରେ ରୋଗୀ, ଗୃହକର୍ମୀ ଏବଂ ସ୍ଥାନୀୟ ଅଧିକାରୀମାନେ ମଧ୍ୟ ଏହି ଆଇନ ପରିସୀମା ଭୁକ୍ତ ହୋଇପାରିବେ, ପୂର୍ବରୁ ଥିବା ବିଶାଖା ଗାଇଡ୍ ଲାଇନ ଦ୍ୱାରା କେବଳ କାର୍ଯ୍ୟାଳୟରେ କାମ କରୁଥିବା ମହିଳାମାନେ ହିଁ ପରିସର ଭୁକ୍ତ କିନ୍ତୁ ପ୍ରଥମଥର ଏହ ଆଇନ ମାଧ୍ୟମରେ ସରକାରୀ, ବେସରକାରୀ ଅନୁଷ୍ଠାନ, ଅଫିସ୍, ଶାଖା, ଭାରତୀୟ ଦଣ୍ଡ ସଂହିତା (IPC) ର ନିମ୍ନ ଧାରା ଅନୁସାରେ ଦଣ୍ଡିତ କରାଯାଇ ପାରିବ ।

## ଯୌନ ହରକତ୍ ପାଇଁ ଦଣ୍ଡ ବ୍ୟବସ୍ଥା

ପାଞ୍ଚ ପ୍ରକାର କାର୍ଯ୍ୟବା ବ୍ୟବହାର ଯୌନ ହରକତ୍ ଅପରାଧ ବୋଲି ବିବେଚିତ ହୋଇଛି ଯଥା

( ୧ ) ଅବାଂଛିତ ଏବଂ ସୁସ୍ପଷ୍ଟ ଯୌନ ସଂକେତ ବହନ କରୁଥିବା ଶାରିରୀକ ସ୍ପର୍ଶ ଏବଂ ଆଗୁସାର ହେବା ।

( ୨ ) ଯୌନ କାର୍ଯ୍ୟ ପାଇଁ ଦାବୀ କରିବା ବା ଅନୁରୋଧ ଜଣାଇବା

(୩) ଯୌନ ସଂକେତ ବହନ କରୁଥିବା ମନ୍ତବ୍ୟ

( ୪ ) ବଳପୂର୍ବକ ଅଶ୍ଳୀଳ ଛବି ଦେଖାଇବା

( ୫ ) ଯୌନାର୍ଥ ବହନ କରୁଥିବା ଅନ୍ୟ କୌଣସି ଶାରିରୀକ, ବାଚନିକ ବା ଅବାଚନିକ ଆଚରଣ ।

ଫୌଜଦାରୀ ବିଧି ସଂଶୋଧନ ଆଇନ ୨୦୧୩ ଅନୁସାରେ ( ୧ ) ଓ ( ୨ ) ଧାରଣର ଅପରାଧ ପାଇଁ ଧାରା ୩୫୪(ଏ)-୩ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡ ମିଳିବ । ଏବଂ ଉପଦଫା (୩) ( ୪ ) ( ୫ ) ଧାରଣର ଅପରାଧ ପାଇଁ ସର୍ବାଧିକ ଏକ ବର୍ଷ ଅଶ୍ରମ ବା ସଶ୍ରମ ଜେଲ୍ ଅଥବା ଜୋରିମାନା ଅଥବା ଉଭୟ ଦଣ୍ଡ ।

ଧାରା ୨୯୪ ( Sec-294 )- ଅଶ୍ଳୀଳ ଗୀତ ବା ଭାବଭଙ୍ଗୀ ପ୍ରଦର୍ଶନ କରିବା

ଧାରା ୫୦୯ ( Sec -509 )- ଅଶ୍ଳୀଳ ଶବ୍ଦ ବା ଭାବଭଙ୍ଗୀ ସହ ମହିଳା ସମ୍ମାନକୁ ଆଞ୍ଚ ଆଣିବ ।



# ଯୌନ ଉତ୍ପୀଡ଼ନ

## ଯୁବପିଢ଼ିଙ୍କ ପାଇଁ କିଛି ଶିକ୍ଷାପ୍ରଦ ତଥ୍ୟ


NAWO

NATIONAL ALLIANCE OF WOMEN, ODISHA CHAPTER

N6/474, IRC Village, Nayapalli, Bhubaneswar-15, Ph.: 0674-2553094, Fax : 0674-2360945

E-mail: nawo_orissa@rediffmail.com, nawoodisha@gmail.com, obrodisha@gmail.com

